# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 25 November – 2025

---

# ଧ୍ୱଜାରୋହଣ

ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଆଜି ଧ୍ୱଜାରୋହଣ ଉତ୍ସବ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଦିବ୍ୟ ମନ୍ଦିରର ନିର୍ମାଣ କାର୍ଯ୍ୟର ଶୁଭ ସମାପନ ଅବସରରେ ଧ୍ୱଜାରୋହଣ ଉତ୍ସବ ଅନୁଷ୍ଠିତ ହେଉଛି ।

---

# କ୍ୟାବିନେଟ୍

ଚଳିତ ଆର୍ଥିକବର୍ଷ ପାଇଁ ୧୦ ହଜାର କୋଟି ଟଙ୍କାର ଅତିରିକ୍ତ ଚିଠା ବଜେଟ୍ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଯୁକ୍ତି ନିୟମାବଳୀରେ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ମଂଜୁରୀ ମିଳିଛି । ଗଣମାଧ୍ୟମକୁ ସୂଚନା ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର କହିଛନ୍ତି ।

**V/O**

---

## ନିଯୁକ୍ତିମେଳା

ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ନିଯୁକ୍ତିମେଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ନୂଆ କରି ଚାକିରି ପାଇଥିବା ୧୨ଟି ବିଭାଗର ୭ ହଜାର ୨୯୩ ଜଣ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରିବେ ।

---

## ତୀର୍ଥଯାତ୍ରା

ଚଳିତ ଆର୍ଥିକବର୍ଷରେ ଦ୍ୱିତୀୟ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆଜି ୭୭୫ ଜଣ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ଉଜ୍ଜୟିନୀ-ଓମ୍‌କାରେଶ୍ୱର ଅଭିମୁଖେ ଯାତ୍ରା କରିବେ । ପୂର୍ବାହ୍ନ ସାଢ଼େ ୧୦ଟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱର ରେଳଷ୍ଟେସନଠାରେ ଯାତ୍ରାର ଶୁଭାରମ୍ଭ କରିବେ ।

---

## ଓଟିଇଟି

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟିର ଆବେଦନ ସମୟସୀମା ଆସନ୍ତା  ୨୭ ତାରିଖ ଗୁରୁବାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଏହାର ସମୟସୀମା ଆଜି ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା । ଆସନ୍ତା ମାସ ୧୭ ତାରିଖରେ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

---

## ଉତ୍କଳିକା

ଭୁବନେଶ୍ୱର ଆନ୍ତର୍ଜାତିକ ବିଜୁ ପଟ୍ଟନାୟକ ବିମାନବନ୍ଦରଠାରେ ଉତ୍କଳିକାର ଏକ ନୂତନ ବିକ୍ରୟ କେନ୍ଦ୍ର 'ଉତ୍କଳିକା ଆତିଥ୍ୟ'କୁ ଗତକାଲି ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିଛନ୍ତି । ରାଜ୍ୟର ପାରମ୍ପରିକ ଉତ୍କୃଷ୍ଟ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଏହି ବିକ୍ରୟ କେନ୍ଦ୍ର ଖୋଲାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି । ୧୯୫୯ ମସିହାରେ ଆରମ୍ଭ ହୋଇଥିବା ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍-ଉତ୍କଳିକାର ରାଜ୍ୟରେ ୧୨ଟି ଶାଖା ଥିବା ବେଳେ ରାଜ୍ୟ ବାହାରେ ୬ଟି ଶାଖା ରହିଛି ।

## ବୁଝାମଣାପତ୍ର

ଓପିଟିସିଏଲ୍ କର୍ମଚାରୀଙ୍କୁ ସ୍ୱତନ୍ତ୍ର ବୀମା ପରିସରଭୁକ୍ତ କରିବା ତଥା ଅନ୍ୟାନ୍ୟ ଚାକିରିକାଳୀନ ସୁବିଧା ପ୍ରଦାନ ଲକ୍ଷ୍ୟ ନେଇ ଗତକାଲି ଓପିଟିସିଏଲ୍ ଏବଂ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓପିଟିସିଏଲ୍ କର୍ମଚାରୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଏହି ବୁଝାମଣା ମାଧ୍ୟମରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।

# ଧାନ ସଂଗ୍ରହ

ରାଜ୍ୟରେ ଆଜିଠାରୁ ଧାନସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଛି। ଧାନ ସଂଗ୍ରହ କମିଟି ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଧାନ ବିକ୍ରୟ ନିମନ୍ତେ ୧୯ଲକ୍ଷ ୬୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଚଳିତବର୍ଷ ଉଭୟ ଖରିଫ୍ ଓ ରବିଋତୁ ପାଇଁ ୯୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଚାଷୀଙ୍କ ପାଇଁ ମଣ୍ଡିଗୁଡ଼ିକରେ ଚଳିତଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ଜାନୁଆରୀ ମାସ ୯ ତାରିଖରୁ ଖରିଫ୍ ଧାନ କିଣା ଆରମ୍ଭ ହେବ । ଜିଲ୍ଲାର ୫୨ ହଜାର ୯୨ ଜଣ ଚାଷୀ ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି ।

---

# ସମୀକ୍ଷା

କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଗତକାଲି ମହାକାଳପଡ଼ା ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ବିଜୟନଗରଠାରେ ନିର୍ମାଣାଧୀନ ଗୋବରୀ ନଦୀ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ । ମହାକାଳପଡ଼ା ବ୍ଲକରେ ଆୟୋଜିତ ବନ୍ଦେ ମାତରମ୍ ଗୀତର ୧୫୦ତମ ବର୍ଷ ଉପଲକ୍ଷେ ବନ୍ଦେମାତରମ୍ ଗୀତର ସାମୂହିକ ଗାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

---

# ଧନୁଯାତ୍ରା

ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ଗତକାଲି ସ୍ଥାପନ କରାଯିବା ସହିତ ପ୍ରସ୍ତୁତି ଆରମ୍ଭ ହୋଇଛି । ସହରର ସମଲେଶ୍ୱରୀ ମନ୍ଦିରରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ହାଟପଦା ସଂଚାର ମଣ୍ଡଳୀରେ ପହଞ୍ଚିବା ପରେ ଧନୁଯାତ୍ରା ସମିତିର ଅଧ୍ୟକ୍ଷ, କର୍ମକର୍ତ୍ତା ଓ କଳାକାରଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ଆସନ୍ତା ଡିସେମ୍ବର ମାସ ୨୪ ତାରିଖରେ ବରଗଡ଼ ଧନୁଯାତ୍ରା ଆରମ୍ଭ ହେବ ।

# ସମୀକ୍ଷା

ଗଞ୍ଜାମ ବ୍ଲକ ଅନ୍ତର୍ଗତ କଣ୍ଟିଆଗଡ଼ ନିକଟସ୍ଥ ବଟେଶ୍ୱର ପୀଠର ଉନ୍ନତିକରଣ କାମଗୁଡ଼ିକର ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ସମୀକ୍ଷା କରିଛନ୍ତି । ପର୍ଯ୍ୟଟକମାନଙ୍କୁ ନିକଟସ୍ଥ ବେଳାଭୂମିକୁ ଆକୃଷ୍ଟ କରିବା ପାଇଁ ଡିପିଆର ପ୍ରସ୍ତୁତ କରିବା ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ପଦଯାତ୍ରା

ଅଖଣ୍ଡ ଭାରତ ନିର୍ମାଣରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଅବଦାନକୁ ସ୍ମରଣ କରି ଗତକାଲି ଖୋର୍ଦ୍ଧା ଜିଲ୍ଲା ବାଲୁଗାଁଠାରୁ ବାଣପୁର ପର୍ଯ୍ୟନ୍ତ ଏକତା ପଦଯାତ୍ରାର ଆୟୋଜନ କରାଯାଇଥିଲା । ଆଇନମନ୍ତ୍ରୀ ପୃଥ୍ୱୀରାଜ

ହରିଚନ୍ଦନ ଏବଂ ପୁରୀ ସାଂସଦ ସମ୍ବିତ ପାତ୍ର ଏକତା ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

---

## ପ୍ରଧାନପାଟ ଫୁଟବଲ

ଦେବଗଡ଼ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଗତକାଲିଠାରୁ ସପ୍ତମ ସର୍ବଭାରତୀୟ ପ୍ରଧାନପାଟ ଫୁଟବଲ ପ୍ରତିଯୋଗିତା ୨୦୨୫ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ଏକାଡେମୀ ଦେବଗଡ଼ର ପ୍ରଧାନପାଟ କ୍ଲବକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି ।

---